# NATIONAL NEWS BULLETIN (ODIA)

## 15 August - 2025

### Morning Bulletin : 10.17 A.M.

*************************************************

## ମୁଖ୍ୟ ସମ୍ବାଦ

- ଅଣାଅଶୀତମ ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀର ଲାଲ୍‌କିଲ୍ଲା ପ୍ରାଚୀରରୁ ଜାତୀୟ ପତାକା ଉତ୍ତୋଳନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବେ ନିଷ୍ପତ୍ତି ନେଇଛି, ଏକାଠି ପ୍ରବାହିତ ହେବ ନାହିଁ ରକ୍ତ ଓ ପାଣି ।

– ଆତ୍ମନିର୍ଭରଶୀଳ ଓ ବିକଶିତ ଭାରତ ଗଠନ ଦିଗରେ ଯୁବ ବୈଜ୍ଞାନିକ, ଇଞ୍ଜିନିୟର୍‌ମାନଙ୍କୁ ଭାରତ ତିଆରି ଫାଇଟର୍ ଜେଟ୍ ବିମାନ ଉତ୍ପାଦନ ଲାଗି ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

– ବିକଶିତ ଭାରତ ରୋଜଗାର ଯୋଜନାର ଶୁଭାରମ୍ଭ ନେଇ ଘୋଷଣା କଲେ ପ୍ରଧାନମନ୍ତ୍ରୀ ।

- ରୁଷ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ଉଦ୍ଦେଶ୍ୟରେ ଆଜି ଆମେରିକା ରାଷ୍ଟ୍ରପତି ଓ ରୁଷ ପ୍ରତିପକ୍ଷଙ୍କ ମଧ୍ୟରେ ହେବ ବୈଠକ ।

ଏବଂ

- ଆଥ୍‌ଲେଟିକ୍ସରେ ୨ହଜାର ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କଲେ ଭାରତର ଅଙ୍କିତା ଧ୍ୟାନି ।

# ପିଏମ୍-ଇଣ୍ଡିପେଣ୍ଡେନ୍ସ୍ ଡେ

ଦେଶ ଆଜି ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ଲାଲ୍‌କିଲ୍ଲାରୁ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଦେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ ଅପରେସନ୍ ସିନ୍ଦୂରର ସାହସ ସୈନିକମାନଙ୍କୁ ସଲାମ୍ କରି କହିଛନ୍ତି, ଏହି ଅପରେସନ୍ ଦେଶର ସଶସ୍ତ୍ର ବାହିନୀର ବୀରତ୍ୱ ଏବଂ ସଠିକତାର ଏକ ଶକ୍ତିଶାଳୀ ପ୍ରମାଣ ।

ସେ କହିଛନ୍ତି, ସରକାର ସଶସ୍ତ୍ର ବାହିନୀକୁ ରଣନୀତି ପ୍ରସ୍ତୁତ କରିବା, ଲକ୍ଷ୍ୟ ସ୍ଥିର କରିବା ଏବଂ ସମୟ ସ୍ଥିର କରିବା ଲାଗି ସ୍ୱାଧୀନତା ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ସାହସି ସୈନିକମାନେ ଶତ୍ରୁମାନଙ୍କୁ କଡ଼ା ଜବାବ ଦେଇଛନ୍ତି । ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନରେ ଶହ ଶହ କିଲୋମିଟର ଶତ୍ରୁ ଅଞ୍ଚଳରେ ଆକ୍ରମଣ କରି ଆତଙ୍କବାଦୀ ଶିବିର ଗୁଡ଼ିକୁ ନଷ୍ଟ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ପହଲଗାମ୍‌ରେ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଭୟଙ୍କର ଘଟଣା ଦ୍ୱାରା ପ୍ରତ୍ୟେକ ଭାରତୀୟ କ୍ରୋଧିତ ହୋଇଛନ୍ତି ଏବଂ ଅପରେସନ୍ ସିନ୍ଦୂର ହେଉଛି ତାର ପରିପ୍ରକାଶ ।

ଶ୍ରୀ ମୋଦୀ କହିଛନ୍ତି, ଭାରତ ଏବେ ନିଷ୍ପତ୍ତି ନେଇଛି, ରକ୍ତ ଓ ପାଣି ଏକାଠି ପ୍ରବାହିତ ହେବ ନାହିଁ । ଶ୍ରୀ ମୋଦୀ କହିଛନ୍ତି, ଭାରତୀୟମାନେ ଅନୁଭବ କରିଛନ୍ତି, ସିନ୍ଧୁ ଜଳଚୁକ୍ତି ଅନ୍ୟାୟ ଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଆଉ ପରମାଣୁ ଆଳରେ ଦିଆଯାଉଥିବା ଯୁଦ୍ଧ ଧମକକୁ ସହ୍ୟ କରିବ ନାହିଁ ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏହି ସ୍ୱାଧୀନତା ଦିବସ ଆଶା ଏବଂ ଆକାଂକ୍ଷାର ପର୍ବ । ସେ କହିଛନ୍ତି, ଏହି ଅବସର ୧୪୦ କୋଟି ଭାରତୀୟଙ୍କ ସଂକଳ୍ପ ଏବଂ ଦେଶ ସହଭାଗି ସଫଳତାର ଗର୍ବର ବିଷୟ ।

**V/O-PM-1**

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପାଳନ କରୁଛି । ଶ୍ରୀ ମୋଦୀ କହିଛନ୍ତି, ସରକାର ଗୋଟିଏ ଦେଶ, ଗୋଟିଏ ସମ୍ବିଧାନ ଦୃଷ୍ଟିକୋଣକୁ ପୁରଣ କରିବା ପାଇଁ ଜାମ୍ମୁ କାଶ୍ମୀରରୁ ଧାରା ୩୭୦କୁ ଉଚ୍ଛେଦ କରିଥିଲେ । ଗତ କିଛି ଦିନ ମଧ୍ୟରେ ଦେଶ ପ୍ରାକୃତିକ ବିପର୍ଯ୍ୟୟ, ଭୂସ୍ଖଳନ, ବାଦଲ ଫାଟିବା ଏବଂ ଅନ୍ୟାନ୍ୟ ଅନେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ରାଜ୍ୟ ଏବଂ କେନ୍ଦ୍ର ସରକାର ମିଳିତ ଭାବେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ସହ ପୁନର୍ବାସ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସରକାର ଏବେ ଆତ୍ମନିର୍ଭରଶୀଳ ଓ ବିକଶିତ ଭାରତ ଗଠନ ଦିଗରେ କାର୍ଯ୍ୟ କରୁଛନ୍ତି । ବିକଶିତ ଭାରତର ମୂଳଦୁଆ ଉପରେ ଆତ୍ମନିର୍ଭର ଭାରତ ଏବଂ ଆଧୁନିକ ଇକୋ ସିଷ୍ଟମ୍‌ର ଆବଶ୍ୟକତା ରହିଛି । ଏହି ଅବସରରେ ଶ୍ରୀ ମୋଦୀ ଯୁବ ବୈଜ୍ଞାନିକ, ଇଞ୍ଜିନିୟର୍ ଓ ସରକାରଙ୍କ ସବୁ ବିଭାଗକୁ ମେଡ୍‌ଇନ୍ ଇଣ୍ଡିଆ ଫାଇଟ୍ ଜେଟ୍ ବିମାନ ଉତ୍ପାଦନ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

**V/O-PM-FIGHTER-JET**

ପ୍ରଧାନମନ୍ତ୍ରୀ କହିଛନ୍ତି, ଅନେକ ଘାତପ୍ରତିଘାତ ସତ୍ତ୍ୱେ ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନକୁ ଏକ ଅଭିଯାନ ଭାବରେ ଗ୍ରହଣ କରାଯାଇଛି । ଏବେ ୬ଟି ସେମିକଣ୍ଡକ୍ଟର ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଅନ୍ୟ ୪ଟି ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ଲାଗି ଅନୁମତି ଦିଆଯାଇଛି । ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ତିଆରି ଚିପ୍ସ୍ ଉପଲବ୍ଧ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O-PM-SEMICONDUCTER**

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଦେଶ ଶକ୍ତି ଆବଶ୍ୟକତା ପୂରଣ କରିବା ଲାଗି ଅନେକ ଗୁଡ଼ିଏ ଦେଶ ଉପରେ ନିର୍ଭର କରୁଛି । ପେଟ୍ରୋଲ୍, ଡିଜେଲ୍ ଏବଂ ଗ୍ରାସ୍ ଆମଦାନୀ କରିବା ଲାଗି ଲକ୍ଷ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ତେଣୁ ଶକ୍ତି କ୍ଷେତ୍ରରେ ବିଶେଷ କରି ସୌରଶକ୍ତି ଉତ୍ପାଦନକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି ଏବଂ ଗତ ୧୧ ବର୍ଷ ମଧ୍ୟରେ ୩୦ ଗୁଣ ଅଧିକ ସୌରଶକ୍ତି ଉତ୍ପାଦନ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ପରମାଣୁ ଶକ୍ତି କ୍ଷେତ୍ରରେ ୧୦ଟି ନୂଆ ପରମାଣୁ ରିଆକ୍ଟର କାର୍ଯ୍ୟ ଆଗେଇ ଚାଲିଛି ଏବଂ ୨୦୪୭ ସୁଦ୍ଧା ଏହାକୁ ଆହୁରି ୧୦ ଗୁଣ ବୃଦ୍ଧି କରିବା ଲାଗି ସରକାରଙ୍କ ଯୋଜନା ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-NUCLEAR ENERGY**

ଅଣାଅଶୀତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାର ଶୁଭାରମ୍ଭ ନେଇ ଘୋଷଣା କରିଛନ୍ତି । ସେ କହିଛନ୍ତି, ଏହି ଯୋଜନାରେ ଏକ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ ।

ସରକାର ଘରୋଇ କ୍ଷେତ୍ରରେ ପ୍ରଥମ ଚାକିରି ପାଇଥିବା ଯୁବକମାନଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରିବେ । ଏହି ଯୋଜନା ଅଧୀନରେ ୩ କୋଟି ୫୦ ଲକ୍ଷ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-ROJGAR YOJANA**

ପ୍ରଧାନମନ୍ତ୍ରୀ ଲାଲକିଲ୍ଲା ପ୍ରାଚୀରରୁ ଦେଶର ମହାକାଶ କ୍ଷେତ୍ରର ସଫଳତା ସମ୍ପର୍କରେ କହିଛନ୍ତି । ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରା ଦେଶ ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ଭାରତର ନିଜସ୍ୱ ମହାକାଶ କେନ୍ଦ୍ର ନିର୍ମାଣ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି । ଦେଶର ୩୦୦ରୁ ଅଧିକ ଷ୍ଟାର୍ଟଅପ୍ ମହାକାଶ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅନ୍ୟ ପକ୍ଷରେ ଗତ ୮ ବର୍ଷ ମଧ୍ୟରେ ଦ୍ରବ୍ୟ ଏବଂ ସେବାକର ଜି.ଏସ୍.ଟି.ରେ ସଂସ୍କାର ଆସିଛି । ଫଳରେ ସାରା ଦେଶରେ ଉଦ୍ୟୋଗ ଏକ ପ୍ରମୁଖ ଶକ୍ତିରେ ପରିଣତ ହେବା ସହ ଛୋଟ ଛୋଟ ସହରର ଯୁବାମାନେ ଦେଶର ଅର୍ଥନୀତିରେ ପ୍ରମୁଖ ଅଂଶିଦାର ହୋଇପାରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆଜି ଲାଲ୍‌କିଲ୍ଲାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ଗାର୍ଡ୍‌ଅଫ୍ ଅନର ଗ୍ରହଣ କରିବା ପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବାୟୁସେନାର ଦୁଇଟି ଏମ୍.ଆଇ.-୧୭ ହେଲିକପ୍ଟର

ଦ୍ୱାରା ସଭା ସ୍ଥଳରେ ପୁଷ୍ପ ପାଖୁଡ଼ା ବର୍ଷା କରାଯାଇଥିଲା । ଗୋଟିଏ ବିମାନ ଜାତୀୟ ପତାକାରେ ସୁସଜ୍ଜିତ ହୋଇଥିବା ବେଳେ ଅନ୍ୟଟି ଅପରେସନ୍ ସିନ୍ଦୂରକୁ ଚିତ୍ରିତ କରିଥିଲା । ଲାଲ୍‌କିଲ୍ଲାରେ ପହଞ୍ଚିବା ପୂର୍ବରୁ ଶ୍ରୀ ମୋଦୀ ରାଜଘାଟ ଯାଇ ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

## ଶାହା-ଅରବିନ୍ଦ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶ୍ରୀ ଅରବିନ୍ଦଙ୍କ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅଟଳ ମନୋଭାବ ଏବଂ ଆଧ୍ୟାତ୍ମିକତା ଓ ଦର୍ଶନ ପ୍ରତି ତାଙ୍କର ଅବଦାନ ଦେଶକୁ ଆଲୋକିତ କରିବା ସହ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ।

## ଟ୍ରମ୍ପ୍-ପୁଟିନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଜି ଆଲାସ୍କାର ଆଙ୍କୋରେଜରେ ଥିବା ଏଲ୍‌ମେଣ୍ଡର୍ଫ୍-ରିଚାର୍ଡସନ୍ ସାମରିକ ଘାଟିଠାରେ ରୁଷ ପ୍ରତିପକ୍ଷ ଭ୍ଲାଦିମିର୍ ପୁଟିନ୍‌ଙ୍କୁ ଭେଟିବେ । ଚଳିତ ବର୍ଷ ଜାନୁଆରୀରେ ଶ୍ରୀ ଟ୍ରମ୍ପ୍ ପୁନର୍ବାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଏହା ପ୍ରଥମ ବୈଠକ ହେବ । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ରୁଷ ରାଷ୍ଟ୍ରପତି ୟୁକ୍ରେନ୍‌ରେ ଯୁଦ୍ଧ ସମାପ୍ତ କରିବାକୁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ଶାନ୍ତି ସ୍ଥାପନ ପାଇଁ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ଦ୍ୱିତୀୟଥର ବୈଠକ ହେବାର ଆବଶ୍ୟକତା ରହିଛି ।

ଆଜିର ବୈଠକ ପୂର୍ବରୁ ଗତକାଲି ରୁଷ ରାଷ୍ଟ୍ରପତି କ୍ରେମ୍‌ଲିନ୍‌ରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସେ କହିଥିଲେ, ଆଜି ଆଲାସ୍କାରେ ହେବାକୁ ଥିବା ବୈଠକରେ ମସ୍କୋ ଏବଂ ୱାଶିଂଟନ୍ ପରମାଣୁ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଉପରେ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

ପୂର୍ବରୁ ୟୁରୋପୀୟ ନେତାମାନଙ୍କ ସହ ଆଭାସି ବୈଠକ ପରେ ଆମେରିକା ରାଷ୍ଟ୍ରପତି କହିଥିଲେ, ଯଦି ରୁଷ-ୟୁକ୍ରେନ୍ ଯୁଦ୍ଧ ସମାପ୍ତ କରିବାକୁ ରାଜି ନ ହୁଅନ୍ତି ତେବେ ପରିସ୍ଥିତି ଭୟାବହ ହେବ ।

## ହାଉଥି-ଇସ୍ରାଏଲ୍

ୟେମେନ୍‌ର ହୁତି ସଶସ୍ତ୍ର ଗୋଷ୍ଠୀ ଗତକାଲି ଇସ୍ରାଏଲ୍‌ର ବେନ୍ ଗୁରିୟନ୍ ବିମାନବନ୍ଦର ଉପରେ ଏକ ହାଇପର୍‌ସୋନିକ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିବା କହିଛନ୍ତି । ଜଣେ ମୁଖପାତ୍ର କହିଛନ୍ତି, ଏହି ଆକ୍ରମଣ ଯୋଗୁଁ ବିମାନ ବନ୍ଦରର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ଏବଂ ଇସ୍ରାଏଲିମାନଙ୍କୁ ଆଶ୍ରୟସ୍ଥଳୀକୁ ଯିବାକୁ ପଡ଼ିଥିଲା । ହୁତି ପକ୍ଷରୁ ଏହି ଆକ୍ରମଣକୁ ଗାଜାରେ ଇସ୍ରାଏଲ୍‌ର କାର୍ଯ୍ୟକଳାପର ଜବାବ ଓ ପାଲେଷ୍ଟାଇନ୍ ପ୍ରତି ସମର୍ଥନ ବୋଲି କୁହାଯାଇଛି । ତେବେ ଇସ୍ରାଏଲ୍ ସେନା ୟେମେନ୍‌ରେ ନିଖେପ ହୋଇଥିବା କ୍ଷେପଣାସ୍ତ୍ରକୁ ଚିହ୍ନଟ କରିଛି । ଇସ୍ରାଏଲ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ଏହି କ୍ଷେପଣାସ୍ତ୍ରକୁ ବିଫଳ କରିବାରେ ସଫଳତା ମିଳିଥିବା କୁହାଯାଇଛି ।

ଚଳିତ ସପ୍ତାହ ପ୍ରାରମ୍ଭରେ ଇସ୍ରାଏଲ୍‌ର ଅନେକ ଗୁଡ଼ିଏ ସହର ଉପରେ ଡ୍ରୋନ୍ ଆକ୍ରମଣ କରିଥିବା ହୁତି ଗୋଷ୍ଠୀ ଦାବି କରିଥିଲେ । ୨୦୨୩

ଅକ୍ଟୋବରର ପରଠାରୁ ହୁତି ଗୋଷ୍ଠୀ ପକ୍ଷରୁ ବାରମ୍ବାର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସାହାଯ୍ୟରେ ଇସ୍ରାଏଲ୍ ଉପରେ ଆକ୍ରମଣ କରାଯାଉଛି ।

## ୟୁରୋପ – ୱାଇଲ୍ଡ ଫାୟାର୍

ୟୁରୋପରେ ଗ୍ରୀଷ୍ମ ପ୍ରବାହ ଏବଂ ପ୍ରବଳ ପବନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗି ଦକ୍ଷିଣାଞ୍ଚଳରେ ଅନେକ ବାସଗୃହ ପୋଡ଼ିଯିବା ସହ ହଜାର ହଜାର ବାସିନ୍ଦା ଘର ଛାଡ଼ି ପଳେଇଯିବାକୁ ବାଧ୍ୟ ହୋଇଛନ୍ତି । ସ୍ପେନ୍‌ରେ ପ୍ରଚଣ୍ଡ ଅଗ୍ନିକାଣ୍ଡର ମୁକାବିଲା ପାଇଁ ୟୁରୋପୀୟ ସଂଘ ପକ୍ଷରୁ ଦୁଇଟି ଅଗ୍ନିନିର୍ବାପକ ବିମାନ ପଠାଯାଇଛି । ଗତକାଲି ଫ୍ରାନ୍ସର ଜଳବୋମା ବିସ୍ଫୋରଣ ବିମାନ ସ୍ପେନ୍‌ର ଉତ୍ତର ପଶ୍ଚିମ ଗାଲିସିଆ ଅଞ୍ଚଳରେ ପହଞ୍ଚିଛି । ସେଠାକାର ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସୋମବାର ପର୍ଯ୍ୟନ୍ତ ଗରମ ପବନ ଜାରି ରହିବ । ଗ୍ରୀସ୍, ବୁଲଗେରିଆ ଏବଂ ଆଲ୍‌ବାନିଆ ଭଳି ଦେଶରେ ଜଙ୍ଗଲ ନିଆଁକୁ ନେଇ ସତର୍କତା ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ସୂଚନା ଅନୁଯାୟୀ ଏହି ଅଗ୍ନିକାଣ୍ଡରେ ଏପର୍ଯ୍ୟନ୍ତ ୯୫ ଜଣ ଆହତ ହୋଇଥିବାବେଳେ ୬ ଲକ୍ଷ ୨୯ ହଜାର ହେକ୍ଟର ଜମି ଅଗ୍ନିକାଣ୍ଡ ଦ୍ୱାରା ପ୍ରଭାବିତ ହୋଇଛି ।

## ଆଥ୍‌ଲେଟିକ୍ସ

ଆଥଲେଟିକ୍ସରେ ଭାରତର ଅଙ୍କିତା ଧ୍ୟାନି ଇସ୍ରାଏଲ୍‌ରେ ଅନୁଷ୍ଠିତ ଗ୍ରାଣ୍ଡସ୍ଲାମ୍ ଜେରୁସେଲମ୍ ୨୦୨୫ ପ୍ରତିଯୋଗିତାରେ ୨ହଜାର ମିଟର ଷ୍ଟେପୁଲ୍‌ଚେଜ୍ ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅଙ୍କିତା ୬ ମିନିଟ୍

ଏବଂ ୧୩ ଦଶମିକ୍ ୯/୨ ସେକେଣ୍ଡରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ଇସ୍ରାଏଲ୍‌ର ଆଡଭା କୋହେନ୍ ଦ୍ୱିତୀୟ ଏବଂ ଡେନ୍‌ମାର୍କର ଜୁଲିୟାନ୍ ହ୍ୱିଡ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପୂର୍ବରୁ ୨ହଜାର ମିଟର ମହିଳା ଷ୍ଟେପୁଲ୍‌ଚେଜ୍ ଦୌଡ଼ରେ ପାରୁଲ୍ ଚୌଧୁରୀ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।